# Akashvani, Sambalpur

# SAMBALPURI NEWS BULLETIN

## 12 December 2024- 6.47- 6.52 am.

*********************************************

ଇଆର୍‌ଏସ୍‌ଏସ୍ ଗାଡି-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ୩୦ ଟା ଆପାତକାଳୀନ ପ୍ରତିକ୍ରିୟା ସହାୟତା ପ୍ରଣାଳୀ- ଇଆର୍‌ଏସ୍‌ଏସ୍ ଗାଡ଼ି ଲୋକାର୍ପଣ୍ କର୍‌ବେ । ଭୁବ୍‌ନେଶ୍ୱର୍ ପୁଲିସ୍ ସେବା ଭବନ୍ ଠାନେ ଆଏଜ୍ ସାଢ଼େ ୧୦ ବଜେ ଗୁଟେ ସମାରୋହଥି ଇତାର୍ ଶୁଭାରମ୍ଭ କର୍‌ବେ । କେନ୍‌ସି ଜାଗା ନ ଦୁର୍ଘଟଣା, ଅପରାଧ୍ କି ଅଲ୍‌ଗା କେନ୍‌ସି ପ୍ରକାର୍‌ର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଲେ ଇ ଗାଡ଼ି ସାଙ୍ଗେସାଙ୍ଗ୍ ଘଟ୍‌ନାଜାଗାକେ ପୁହୁଁଚିକରି ଅସହାୟମାନ୍‌କୁ ସାହାଜ୍ କର୍‌ବା ।

ସିଙ୍ଗିଲ୍ ୱିଣ୍ଡୋ କମିଟି ବୈଠକ-ଅକ୍ଷୟଶକ୍ତି/ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ଶହେ ୯୨ ପଏଂଟ୍ ୪/୧ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ୍ ଲାଗି ଆସିଥିବା ୧୩ ଶହ ୮୬ କୋଟି ୯ ଲାଖ୍ ଟଙ୍କା ପୁଞ୍ଜିନିବେଶ୍ ପ୍ରସ୍ତାବ୍‌କେ ସିଙ୍ଗିଲ୍ ୱିଣ୍ଡୋ କମିଟି ବୈଠକ୍‌ଥି ଅନୁମୋଦନ୍ ମିଳିଛେ । ରାଜ୍ୟ ଶକ୍ତି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ବିଶାଲ୍ କୁମାର୍ ଦେବଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ବୈଠକ୍‌ଥି ଇଟାକେ ଅନୁମୋଦନ୍ କରାଯାଇଛେ । ଇ ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ୯୯ ମେଗାୱାଟ୍ କ୍ଷମତା ଥିବା ପବନ ଶକ୍ତି ସଂକଳ୍ପ ପ୍ରକଳ୍ପ ରହିଛେ । ସେନ୍ତା ୯୧ ଦଶ୍‌ମିକ ୭/୭ ମେଗାୱାଟ୍ କ୍ଷମତା ଥିବା ୫ ଟା ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ ଆଉ ୧ ଦଶ୍‌ମିକ୍ ୬/୪ କ୍ଷମତା ଥିବା ଗୁଟେ ରୁଫ୍ ଟପ୍ ସୌରଶକ୍ତି ପ୍ରକଳ୍ପ ଭିଲ୍ ଇଥି ସାମିଲ୍ ଅଛେ ।

ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା-ମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ ସମ୍ବଲପୁର

ଅନୁସୂଚିତ ଜାତି ଆଉ ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ଶିକ୍ଷା ଲାଗି ଆରମ୍ଭ ହେବାର୍‌କେ ଥିବାର୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା ଇ ମାସର୍ ୩୧ ତାରିଖ୍‌ନୁ ମୁଲ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଶ୍ରୀ ମାଝୀ କହିଛନ୍ ଯେ,

ମାଧୋ ସିଂଙ୍କର୍ ଶହୀଦ୍ ଦିବସ୍‌ଥି ତାଙ୍କର୍ ଜନ୍ମସ୍ଥାନ୍ ବର୍‌ଗଡ୍‌ନୁ ଇ ଯୋଜ୍‌ନା ମୁଲ୍ ହେବା । ଇ ଯୋଜ୍‌ନାଥି ୩ ଲାଖ୍ ଅନୁସୂଚିତ ଜାତି ଆଉ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଲାଭ୍ ପାଏବେ । ଯୋଜ୍‌ନାଥି ୯ ଆଉ ୧୦ କ୍ଲାସ୍‌ର ଛାତ୍ରଛାତ୍ରୀମାନ୍‌କୁ ବଛର୍‌କ ୫ ହଜାର୍ ଟଙ୍କା ଦିଆଯିବା । ଇ ଯୋଜ୍‌ନା ଲାଗି ଶହେ ୫୬ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ବେଡ଼ମିଂଟନ୍ ହାଇ ପରଫର୍‌ମାନ୍ସ ସେଂଟର/ଆର୍‌ଏନ୍‌ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍‌ନ ବେଡ଼ମିଂଟନ୍ ହାଇ ପରଫର୍‌ମାନ୍ସ ସେଂଟର୍‌କେ ଆଏଜ୍ ଉଦ୍‌ଘାଟନ୍ କର୍‌ବେ । ଇ କାର୍ଯ୍ୟକ୍ରମ୍‌ଥି ଭାରତ୍ ବେଡ଼ମିଂଟନ୍ ସଂଘର ସଭାପତି ତଥା ଆସାମ୍‌ର ମୁଖ୍ୟମନ୍ତ୍ରୀ ଡକ୍ଟର୍ ହିମନ୍ତ ବିଶ୍ୱଶର୍ମା ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇତାକେ ନେଇକରି କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ଗୁଟେ ସ୍ୱତନ୍ତ୍ର ସମାରୋହର୍ ଆୟୋଜନ୍ କରାଯାଇଛେ ।

ରାସନ୍ କାର୍ଡ୍ ପୋର୍ଟାଲ     ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ଖୋବ୍ ଜଲ୍ଦି ରାସନ୍ କାର୍ଡ଼ ପୋର୍ଟାଲ୍ ଖୁଲ୍ବାର୍କେ ଯାଉଛନ୍ ଆଉ ନୂଆଁ ହିତାଧିକାରୀମାନ୍କୁ ରାସନକାର୍ଡ଼ ମିଲ୍ବା ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ୍ସଭା ନ ଇ ବାବ୍ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ୩ ଲାଖ୍ ୫ ହଜାର୍ ପ୍ରବାସୀ ଓଡ଼ିଆଙ୍କୁ ରାସନ୍କାର୍ଡ଼ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ଅନୁମୋଦନ୍ କରିଛନ୍ । ୬ ଲାଖ୍ ଲୋକ୍ ନୂଆଁ କାର୍ଡ଼ ପାଏବାର୍କେ ଆବେଦନ୍ କରିଛନ୍ ଆଉ ଇତାର୍ ସର୍ଭେ କାମ୍ ଚାଲିଛେ ବଲି ଯୋଗାଣମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ରାଜ୍ୟ ସର୍କାର୍-ଗୋସମ୍ପଦର ସୁରକ୍ଷା ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ଗୋସମ୍ପଦର ସୁରକ୍ଷା ଲାଗି ଗୁଟେ ଅନ୍ତଃମନ୍ତ୍ରୀମଣ୍ଡଲୀୟ କମିଟି ଗଠନ୍ କରିଛନ୍ । କୃଷି ଆଉ କଷକ୍ ସଶକ୍ତିକରଣ୍ ଆଉ ଶକ୍ତିମନ୍ତ୍ରୀ ଇ କମିଟିର୍ ଅଧ୍ୟକ୍ଷ ଅଛନ୍ ବଲି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ବିଧାନ୍ସଭା ନ କହ୍ନେଇ ଚରଣ୍ ଡାଙ୍ଗଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍

ଦେଇକରି ଶ୍ରୀମଲ୍ଲିକ୍ କହିନ୍ ଯେ, ଅନ୍ତଃମନ୍ତ୍ରୀମଣ୍ଡଳୀୟ କମିଟିଥି ୧୭ ଝନ୍ ସଦସ୍ୟ ଅଛନ୍ । ସେ କହିଛନ୍ ଯେ, ୫ ବରସ୍ ଭିତ୍ରେ ୧ ହଜାର୍ ୭ ଶହ ୮୩ ଟା ଗୋଚାଲାଣ୍ ମାମ୍ଲା ରୁଜୁ ହେଇଛେ ।

ଅନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ୍ ଆର୍ଏନ୍ୟୁ /ସମ୍ବଲପୁର

ହରିଆନାର୍ କୁରୁକ୍ଷେତ୍ର ନ ୯ ନମ୍ବର୍ ଅନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ୍ର ଓଡ଼ିଶା ମଣ୍ଡପ୍ ନ ପରିବେଷଣ୍ କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ୍ ଦର୍ଶକ୍ମାନ୍କୁ ବିମୋହିତ କରିଛେ । ସାଂସ୍କୃତିକ୍ ମଂଚ୍ ନ ଫି' ଦିନ ହେଉଥିବା ଓଡ଼ିଶୀ ସହେତେ ଡାଲ୍ଖାଇ, ରସର୍କେଲି, କଣ୍ଢେଇ ନାଚ୍, ଗୋଟିପୁଅ, ପଶୁମୁଖା, ଘୋଡ଼ାନାଚ, ଢେମ୍ସା, ଘୁମ୍ରା ବାଗିର୍ କେତେଟା ନାଚ୍ ପ୍ରଦର୍ଶନ୍ କରାଯାଉଛେ । ଇତାର୍ଛଡ଼ା ଓଡ଼ିଶା ପ୍ରମୁଖ ଲୋକକଳା, ନୃତ୍ୟକଳା, ଚିତ୍ରକଳା, ହସ୍ତତନ୍ତ ବୟନଶୀଳ୍ପ, ପର୍ଯ୍ୟଟନ ସ୍ଥଳୀ ଆଉ ଓଡ଼ିଶାର୍ ଖାଦ୍ୟ ପରମ୍ପରା ବଢ଼ିଆଁ କରି ପ୍ରଦର୍ଶିତ କରାଯାଇଛେ । ଦେଶ୍ବିଦେଶ୍ନୁ ଆସୁଥିବା ପର୍ଯ୍ୟଟକ୍ମାନ୍କର୍ ଲାଗି ଇଟା ଶିଖ୍ବାର୍ ବିଷୟ ହେବାର୍

ସହେତେ ଅନ୍ତରାଷ୍ଟ୍ରୀୟ ସ୍ତର୍ ନ ଓଡ଼ିଶାର୍ ସଂସ୍କୃତିକେ ଗୁଟେ ଖାସ୍ ଆଉ ଅନନ୍ୟ ପରିଚୟ ଦେଇଛେ ବଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।

ବନକଲାଗି ନୀତି ଆର୍ଏନ୍ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ମଗ୍ଶିର୍ ମାସ୍ ଉଜଲ୍ପଖର୍ ଦ୍ୱାଦଶୀ ତିଥି ନ ଆଏଜ୍ ଶ୍ରୀବିଗ୍ରହମାନ୍କର୍ ବନକଲାଗି ନୀତି ହେବା । ଇଥିର୍ଲାଗି ଦ୍ୱିତୀୟ ଭୋଗ ମଣ୍ଡପ୍ ଶେଷ୍ ହେବାର୍ ଉତ୍ରୁ ସଞ୍ଜର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ମାହାପୁରୁମାନ୍କର୍ ଦର୍ଶନ୍ ବନ୍ଦ୍ ରହେବା । ହେଲେ ଇ ନୀତି ସର୍ବାର୍ ଉତ୍ରୁ ମହାପ୍ରଭୁଙ୍କୁ ମହାସ୍ନାନ କରାଯିବାର୍ ସହେତେ ଫେର୍ ଦର୍ଶନ୍ ଆରମ୍ଭ୍ ହେବା ।

ଗୋଆ ପ୍ରତିନିଧିମଣ୍ଡଲ୍- ଓଡ଼ିଶା ଆର୍ଏନ୍ୟୁ /ସମ୍ବଲପୁର

ଗୋଆ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ୫ ଦିନିଆ ଓଡ଼ିଶା ଗସ୍ତ ନ ଆସିଥିବା ପ୍ରତିନିଧି ମଣ୍ଡଲୀ ଆଉ ଗଣମାଧ୍ୟମ୍ ପ୍ରତିନିଧିମାନେ ଗଲାକାଏଲ୍ ଭୁବ୍ନେଶ୍ୱର୍ର ଧଉଳି ଶାନ୍ତିସ୍ତୁପ, ପ୍ରସିଦ୍ଧ ଲିଙ୍ଗରାଜ୍

ମନ୍ଦିର୍ ସହେତେ ଅନନ୍ଦ ବାସୁଦେବ ମନ୍ଦିର୍ ଆଉ ବିନ୍ଦୁସାଗର୍ ବୁଲି ଦେଖିଛନ୍ । ଇ ଅବ୍ସରେ ସେମାନେ ଅନନ୍ତ ବାସୁଦେବ୍ ମନ୍ଦିର୍ ନ ପ୍ରସାଦ୍ ସେବନ୍ କରିକରି ଓଡ଼ିଆ ଖାଦ୍ୟ ପରମ୍ପରାର୍ ପ୍ରଶଂସା କରିଥିଲେ ।

ଜାତୀୟ ଜୁନିୟର୍ ଆଥ୍ଲେଟିକ୍ସ ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୩୯ ନମ୍ବର୍ ଜାତୀୟ ଜୁନିୟର୍ ଆଥ୍ଲେଟିକ୍ସ ଚମ୍ପିଆନ୍ସିପ୍ ଶେଷ୍ ହେଇଛେ । ଇ ପ୍ରତିଯୋଗିତାଥି ହରିଆଣା ଦଲ୍ ୩ ଶହ ୩ ପଏଂଟ୍ ସହେତେ ଓଭର୍ଅଲ୍ ଚମ୍ପିଆନ୍ ହେଇଥିବାର୍ ବେଲେ ତାମିଲ୍ନାଡୁ ୨ ଶହ ୬୯ ପଏଂଟ୍ ପାଇକରି ରନର୍ସଅପ୍ ହେଇଛେ । ଇଥି ଓଡ଼ିଶା ୬ ଟା ସ୍ୱର୍ଣ୍ଣ, ୨ ଟା ରୌପ୍ୟ ଆର୍ ୩ ଟା ବ୍ରୋଂଚ୍ ପଦକ୍ ପାଇଛେ । ପ୍ରତିଯୋଗିତାଥି ମୋଟ୍ ୨୦ ଜାତୀୟ ରେକର୍ଡ଼ ସୃଷ୍ଟି ହେଇପାରିଛେ ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ୨ ହପ୍ତା ଉତ୍ରୁ ଫେର୍ ଥଣ୍ଡା ବଢ଼ିଛେ । ଗୁଟେ ଦିନେ ୧୩ ଟା ସହରେ ରାତିର୍ ତାପମାତ୍ରା ୧୫ ଡିଗ୍ରୀ ତଲେ

ରହିଥିଲା । ଝାରସୁଗୁଡ଼ା ନ ୧୦ ଦଶମିକ୍ ୮ ଡିଗ୍ରୀ ରେକର୍ଡ୍ କରିକରି ସବୁନୁ ଅଏତ୍‌କା ଥଣ୍ଡା ରହିଥିଲା । ସେନ୍ତା କେନ୍ଦୁଝର୍ ଆର୍ ଅନୁଗୁଲ୍ ନ ଗୁଟେ ଦିନେ ରାତିର୍ ତାପମାତ୍ରା ସବୁନୁ ଅଏତ୍‌କା ୫ ଡିଗ୍ରୀ କମିଯାଇଥିଲା । ଆଏବା ୪ ନୁ ୫ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।